# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

## ସମ୍ବଲପୁର ବିଜେଡି

**ସମ୍ବଲପୁର, ୧୭।୪ (ସମିସ):** ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜୁ ଜନତା ଦଳ ସଭାପତି ଇଂ ରୋହିତ ପୂଜାରୀଙ୍କ ଆହ୍ୱାନକ୍ରମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ତଥା ପ୍ରବାଦ ପୁରୁଷ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ଣରେ ସମ୍ବଲପୁର ସହର ରେମେଡ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ବହୁ ବରିଷ୍ଠ ନେତା ଓ କର୍ମୀ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଦଳର ବରିଷ୍ଠ ନେତା ବସନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ଅଶୋକ ସେନାପତି, ଏମ୍‌ଡି ସନାଉଲ୍ଲା, ଗୋକୁଳ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ସତ୍ୟେନ୍ଦ୍ର ଦାସ, ଶାନ୍ତନୁ ବଡ଼ପଣ୍ଡା, ପ୍ରକାଶ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ବୁଲୁ ତ୍ରିପାଠୀ, ପ୍ରଶାନ୍ତ ଥାପା, ଭାବେଶ ଚାନ୍ଦ, ରବୀନ୍ଦ୍ର ସିଂ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ ମରେଇ, ରୁଦ୍ର ଷଡ଼ଙ୍ଗୀ, ବିକାଶ ଖେତି, ମଞ୍ଜୁ ଓରାମ, ଉତ୍ତମ ବାଗ, ସମୀର ପଟ୍ଟନାୟକ, ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଉଷା ପ୍ରଧାନ, ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ତ୍ରିବେଣୀ ପଣ୍ଡା, ନନ୍ଦିନୀ ପ୍ରଧାନ, ପଦ୍ମା ମହାନନ୍ଦ, ଲିଲିମା ମଲ୍ଲିକ, କୁନ୍ତୀ ସିଂ, ପାରୋ ମୁଣ୍ଡା, ପ୍ରମିଳା ପ୍ରଧାନ, ସସ୍ମିତା ଦୀପ, ପୂଜା ଦେବୀ, ମାମି ଆୟାନ, ସନ୍ତୋଷ ମହାନ୍ତି, ଭାସ୍କର ଦାସ, ବିଜୟ ପଣ୍ଡା, ସଞ୍ଜୟ ବର୍ମା, ପ୍ରଶାନ୍ତ ନାୟକ, ରବି ସେନାପତି, ଗଣେଶ କରାଲୀ, ପ୍ରକାଶ ବେହେରା, ଓଁକାର ନାୟକ, ତପନ ମେହେର, ଭଗବାନ ଓରାମଙ୍କ ସମେତ ବହୁ ସଂଖ୍ୟା କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ।



## ଯୁଯୋମୁରା ବିଜେଡି

ସମ୍ବଲପୁର ଜିଲ୍ଲା ଯୁଯୋମୁରା ବିଜୁ ଜନତା ଦଳ ପକ୍ଷରୁ ବ୍ଲକସ୍ତରୀୟ ଶ୍ରାଦ୍ଧ ଦିବସ ଘେନୁପାଲି ପଞ୍ଚାୟତରେ ପାଳନ କରାଯାଇଛି। ବ୍ଲକର ସମସ୍ତ ପଞ୍ଚାୟତରୁ କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ। ବିଜେଡି ବ୍ଲକ ସଭାପତି ବିନୋଦ କୁମାର ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା।



ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ବାହାମ ପଞ୍ଚାୟତ ସମିତି ସଭ୍ୟ ହରିହର ନାଏକ, ପ୍ରଦୀପ ପରିଡ଼ା, ଡଙ୍ଗରପଡ଼ା ପଞ୍ଚାୟତ ସଭାପତି ପ୍ରତାପ ନାଏକ, ବିରସିଂଗଡ଼ ସଭାପତି ବିପିନ ବେହେରା, କଂସର ସଭାପତି ନନ୍ଦ ରଣଜିତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ବ୍ଲକ ସଭାପତି ଶ୍ରୀ ବଡ଼ପଣ୍ଡା ବିଜୁ ବାବୁଙ୍କ ଦେଶ ଓ ରାଜ୍ୟ ପ୍ରତି ଅବଦାନ ଏବଂ ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ବିକାଶ ବିଷୟରେ କହିଥିଲେ। ଆଗାମୀ ଦିନରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂଗଠିତ ଭାବେ ସମସ୍ତେ ପ୍ରସ୍ତୁତି କରିବାକୁ ଶ୍ରୀ ବେହେରା ଉଦ୍‌ବୋଧନ ଦେଇଥିଲେ। ସମସ୍ତେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏସ୍‌ଆଇଆର୍ / ଜନଗଣନାକୁ ଠିକ୍ ଭାବରେ ଆମ ଦଳର କର୍ମକର୍ତ୍ତା ଜନସାଧାରଣଙ୍କୁ ସହଯୋଗ କରିବେ, ସେ ନେଇ ଆଲୋଚନା କରାଯାଇଥିଲା।

ସଭାରେ ଇସମାଇଲ ବଢ଼େଇ, ରାଜକୁମାର ସୁହ, ଘନଶ୍ୟାମ ସାହୁ, ସୁବ୍ରତ ବିଶ୍ୱାଳ, ପଦ୍ମଲୋଚନ ରାଉତ, ରୂପେଶ ପାତ୍ର, ଝସକେତନ ନାଏକ, ଅଶ୍ୱିନୀ ନାଏକ, ଅୟସକାନ୍ତ ବଡ଼ପଣ୍ଡା, ଦୟାସାଗର ପ୍ରଧାନ, ଅଶ୍ୱିନୀ ପ୍ରଧାନ, ବିରେନ୍ଦ୍ର ପଶାୟତ, ମନୋଜ ସୁବୁଦ୍‌ଓ, ଭରତ ଠେଲା, ସୁମନ୍ତ ସାହୁ, ରାଧାକାନ୍ତ ସାହୁ, ପ୍ରଦୀପ ପରିଡ଼ା, ଜୟନାରାୟଣ ଚଇନୀ, ବାବୁଲୁ ନାଏକ, ପ୍ରବୀଣ ସୂପକାର, ସୂର୍ଯ୍ୟନାରାୟଣ ସାହୁ, ସରୋଜ ମାହାଣା ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

## ରେଙ୍ଗାଲି ବିଜେଡି



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଗୋଶାଳା, ଏସ୍‌ଏଲ୍‌ବି ଫାର୍ମସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ନେତୃତ୍ୱରେ ଆୟୋଜିତ ସ୍ମୃତିସଭାରେ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ରେଙ୍ଗାଲି ବ୍ଲକ ଚେୟାରମ୍ୟାନ ସତ୍ୟନାରାୟଣ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ସୁରଜା ସେଠ, ଫଣିନ୍ଦ୍ର ପଟ୍ଟନାୟକ, ଗୋରେଖ ସାହୁ, ହେମନ୍ତ ପଣ୍ଡା, ଜିତୁ ମିଶ୍ର, ଶ୍ରିହରୀ ନାଗ, ଚିତ୍ତ ମହନ୍ତମ, ସୁରେନ୍ଦ୍ର ନାୟକ, ବଳରାମ ପ୍ରଧାନ, ରାମଦାସ ପ୍ରଧାନ, ଜଗନ୍ନାଥ ତ୍ରିପାଠୀ, ମୃତ୍ୟୁଞ୍ଜୟ ପୁରୋହିତ, ବୁଲୁ ଦେବତା, ଆର୍ତ୍ତ ବାଗ, ଧରଣୀ ରଣା, ଯତୀନ ବାରିକ, ମାନଭଞ୍ଜନ ପଶାୟତ, ସୁରୁବାବୁ ରାଉତ ପ୍ରମୁଖ ବିଜୁ ବାବୁଙ୍କ ଗରିମାମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚିତ୍ତରଞ୍ଜନ ରାଉଳ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।ବିଧାୟକଙ୍କ ଦ୍ୱାରା ସାନସିଂହାରୀସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ପାଣି ବୋତଲ ଏବଂ ଅନ୍ୟାନ୍ୟ ଆସବାବ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ରେଢ଼ାଖୋଲ ବିଜେଡି

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢାଖୋଲ ସହରର ଆଦର୍ଶନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଶ୍ରାଦ୍ଧବାର୍ଷିକୀ ଦିବସ ପାଳିତ ହୋଇଯାଇଛି। ଶ୍ରାଦ୍ଧ ଦିବସ ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଜୀବନୀ ସମ୍ପର୍କରେ ବରିଷ୍ଠ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ବରିଷ୍ଠ ଯୁବ ନେତା ଅରୁଣ ପ୍ରଧାନ, କାଉନସିଲର ସୁଧାଂଶୁ ଅମାତ, ପୂର୍ବତନ କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ରାଜିବ ଲୋଚନ ପ୍ରଧାନ, ଦେବବ୍ରତ ରାଉଳ, ଦତ୍ତ ବିଶ୍ୱଳ, ଖେଳନିଧି ପ୍ରଧାନ, ସୁନିଲ ସାହୁ, ପ୍ରଦୀପ ଚାଉଳିଆ, ଖିରୋଦ ଖିଲାରି ସମେତ ଅନେକ ବିଜୁ ପ୍ରେମୀ ଉକ୍ତ ସଭାରେ ଉପସ୍ଥିତ ଥିଲେ। ସେହିପରି ଚାରମାଳ ପଞ୍ଚାୟତ ସ୍ଥିତ କେନ୍ଦୁପତ୍ର ଶ୍ରମିକ ଭବନରେ ବିଜେଡି ବ୍ଲକ ସଭାପତି ଉଦିତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଶ୍ରାଦ୍ଧ ଦିବସ ପାଳନ ହୋଇଥିଲା।



# କଫସିରପ୍ ଓ ମଦ ଜବତ, ମହିଳା ଗିରଫ

**ସମ୍ବଲପୁର, ୧୭।୪ (ସମିସ) :** ବୁର୍ଲା ଥାନା ପୁଲିସ ଚଢ଼ଉ କରି ଜଣେ ମହିଳାଙ୍କଠାରୁ କଫସିରପ୍, ମଦ ଓ ନିଶା ଟାବଲେଟ୍ ଜବତ କରିବାସହ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଆଜି ସକାଳେ ବୁର୍ଲା ପୁଲିସ ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜାମପାଲି, ଚାଉଁରପୁରର ବିନୋଦିନୀ ସେଠ (୪୨)ଙ୍କ ଘରପାଖରେ ଚଢ଼ଉ କରିଥିଲା। ଅଭିଯୁକ୍ତଙ୍କଠାରୁ ୩୭ ବୋତଲ ୱିନସିରେକ୍ସ କଫସିରପ, ୭ ବୋତଲ ଖୋଲା କଫସିରପ୍, ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା ଓ ୨୩ ବୋତଲ ମଦ ଜବତ କରିଛି। ପୁଲିସ ବୁର୍ଲା ଥାନା କେସ ନଂ. ୧୬୨/୧୭-୪-୨୦୨୬ରେ ମାମଲା ରୁଜୁକରି ଅଭିଯୁକ୍ତ ବିନୋଦିନୀ ସେଠଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।



# ସମ୍ବଲପୁରରେ ଅଗ୍ନିବର୍ଷା

**ସମ୍ବଲପୁର, ୧୭।୪ (ସମିସ) :** ଗତବର୍ଷ ଭଳି ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବାବେଳେ ଗତମାସ ଶେଷ ସପ୍ତାହ ଓ ଏପ୍ରିଲ ପ୍ରଥମ ସପ୍ତାହରେ କାଳବୈଶାଖୀଜନିତ ଝଡ଼ ଓ ବର୍ଷା ଯୋଗୁଁ କିଛିଟା ଆଶ୍ୱସ୍ତି ମିଳିଥିଲା। ପୁଣିଥରେ ଗତ କିଛିଦିନ ହେବ ସମ୍ବଲପୁରର ତାପମାତ୍ରା ବୃଦ୍ଧି ପାଉଛି। ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେଉଛି। ଅତ୍ୟଧିକ ତାପମାତ୍ରା ଏବଂ ପାଣିପାଗ ବିଭାଗର ସତର୍କତାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ୧୮ରୁ ୨୧ / ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳମାନେ ବନ୍ଦ ଘୋଷଣା କରିଛନ୍ତି। ଆଜି ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ରହିଥିଲା। ଗତକାଲିଠାରୁ ଗୋଟିଏ ଡିଗ୍ରୀ କମ୍ ରହିଥିଲେ ହେଁ ଦିନବେଳା ପ୍ରବଳ ରୌଦ୍ରତାପରେ ଲୋକେ କଳବଳ ହେଉଛନ୍ତି। ସକାଳ ୮ଟା ପରେ ବାହାରକୁ ବାହାରି ହେଉ ନ ଥିବାବେଳେ ସନ୍ଧ୍ୟା ପରେ ବି ଉତ୍ତାପ ରହୁଛି। ଏହାସହ ଅସହ୍ୟ ଗୁଳୁଗୁଳି ହେଉଛି। ଏଭଳି ସ୍ଥିତିରେ ପଙ୍ଖା, କୁଲର୍ ଆଦି ଲୋ-ଭୋଲ୍ଟେଜ୍ ପାଇଁ କାମ କରୁନଥିବାବେଳେ ଯୋଗାଣକାରୀ ସଂସ୍ଥାର ଅଘୋଷିତ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କୁ ବାଧକ ହେଉଛି। ପୁଣି ସମ୍ବଲପୁର ସହରାଞ୍ଚଳର କେତେକ ଅଞ୍ଚଳରେ ଜଳ ସଂକଟ ଦେଖାଦେଲାଣି।

ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ୨୦୨୫ ଏପ୍ରିଲ ୨୨ ତାରିଖରେ ସମ୍ବଲପୁରର ତାପମାତ୍ରା ବର୍ଷର ସର୍ବାଧିକ ୪୪.୬ ଡିଗ୍ରୀ ହୋଇଥିବାବେଳେ ୨୦୨୪ ମସିହା ମେ ମାସ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ରେକର୍ଡ କରାଯାଇଥିଲା।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୧୧ | ୩୮.୪ | ୨୨.୦ |
| ଏପ୍ରିଲ ୧୨ | ୪୦.୧ | ୨୧.୨ |
| ଏପ୍ରିଲ ୧୩ | ୪୦.୪ | ୨୪.୩ |
| ଏପ୍ରିଲ ୧୪ | ୪୧.୫ | ୨୫.୦ |
| ଏପ୍ରିଲ ୧୫ | ୪୧.୦ | ୨୫.୦ |
| ଏପ୍ରିଲ ୧୬ | ୪୨.୨ | ୨୬.୭ |
| ଏପ୍ରିଲ ୧୭ | ୪୧.୨ | ୨୭.୮ |

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି



**ନାକଟିଦେଉଳ, ୧୭।୪(ସମିସ):** ନାକଟିଦେଉଳ ବ୍ଲକରେ ବ୍ଲକ ପ୍ରଶାସନ ପକ୍ଷରୁ ମନରେଗା ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଆର୍ଥିକ ବର୍ଷ ୨୫-୨୬ର ଦ୍ୱିତୀୟ ଚକ୍ର ଶୁଣାଣିରେ ଜଙ୍ଗଲ ବିଭାଗର ଅଧିକାରୀମାନେ ଉପସ୍ଥିତ ନଥିବାରୁ ଅନେକ କାର୍ଯ୍ୟର ଶୁଣାଣି ଅଟକି ଥିଲା। ଶିବିରରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବିଡ଼ିଓ ଆକାଶ ରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ଯୋଗ ଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଣାଣି ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ସମ୍ବଲପୁର ଆର୍ଟସ କଲେଜ

**ସମ୍ବଲପୁର, ୧୭।୪ (ସମିସ) :** ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ସମ୍ବଲପୁର। ରାଜ୍ୟର ପଶ୍ଚିମାଞ୍ଚଳରେ ସମ୍ବଲପୁର ଶିକ୍ଷା ଓ ସ୍ୱାସ୍ଥ୍ୟର ହବ୍ ପାଲଟିଛି। ଆଇଆଇଏମ୍ ସମ୍ବଲପୁର ଭଳି ଜାତୀୟସ୍ତରୀୟ ଅନୁଷ୍ଠାନଠାରୁ ଆରମ୍ଭ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର), କୃଷି ମହାବିଦ୍ୟାଳୟ, ଉଦ୍ୟାନ କୃଷି ମହାବିଦ୍ୟାଳୟ ଆଦି ସମ୍ବଲପୁରରେ ରହିଥିବାବେଳେ ଏଥିରେ ଯୋଡ଼ି ହେବାକୁ ଯାଉଛି ସମ୍ବଲପୁର ଆର୍ଟସ କଲେଜ। ଜିଲ୍ଲା ପ୍ରଶାସନର ପ୍ରସ୍ତାବକୁ ଅନୁମୋଦନ ମିଳିଥିବାବେଳେ ଆସନ୍ତା ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ପ୍ରଶାସନ ଉଦ୍ୟମରେ ସମ୍ବଲପୁରରେ ସମ୍ବଲପୁର ଆର୍ଟସ ଆଣ୍ଡ କ୍ରାଫ୍ଟସ କଲେଜ ଖୋଲିବାକୁ ଯୋଜନା କରାଯାଇଛି। ଗତଦିନରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ କଳା ପରିଷଦକୁ ଆସିଥିବାବେଳେ ଏନେଇ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା। ଏହାସହ ସବିଶେଷ ଆଲୋଚନା ମଧ୍ୟ ହୋଇଥିଲା। ସମ୍ବଲପୁର କଳା ପରିଷଦ କୋଠାରେ କିଛିଟା ପୁନରୁଦ୍ଧାର ଓ ନିର୍ମାଣ କାର୍ଯ୍ୟ କରାଯାଇ ଏଠାରେ କ୍ଲାସ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ମହଲା କଲେଜ ପାଇଁ ବ୍ୟବହାର ହେବାକୁ ଥିବାବେଳେ ଦ୍ୱିତୀୟ ମହଲାରେ ଶ୍ରେଣୀ କକ୍ଷ ନିର୍ମାଣ କରାଯିବ। ଏଥିରେ ସମ୍ବଲପୁରୀ ପ୍ରଦର୍ଶନ କଳା - ଗୀତ, ନୃତ୍ୟ, ବାଦ୍ୟ, ନାଟକ ଆଦି ଅନ୍ତର୍ଭୁକ୍ତ ରହିବ। ପ୍ରଦର୍ଶନ କଳାରେ ଡିପ୍ଲୋମା ପାଠ୍ୟକ୍ରମ ରହିବ। ଅନ୍ୟ ସବୁଥିରେ ୪-ବର୍ଷିଆ ସ୍ନାତକ ପାଠ୍ୟକ୍ରମ ରହିବ। ସେଗୁଡ଼ିକ ମଧ୍ୟରେ ଟ୍ରେଡିସନାଲ ପେଣ୍ଟିଂ, ସ୍କଲ୍‌ପଚର୍, ପ୍ରିଣ୍ଟମେକିଂ, କ୍ରାଫ୍ଟ ଆଣ୍ଡ ସେରାମିକ୍, ଏପ୍ଲାଏଡ୍ ଆର୍ଟ ଏବଂ ପାର୍‌ଫର୍ମି ଆର୍ଟ ରହିବ। ଇଂରାଜୀ, ଇତିହାସ, ପରିବେଶ ବିଜ୍ଞାନ ଆଦି ବାଧ୍ୟତାମୂଳକ ବିଷୟ ମଧ୍ୟ ରହିବ। ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିବାବେଳେ ଆସନ ସଂଖ୍ୟା ନିର୍ଦ୍ଧାରଣ ଓ ଅନୁମୋଦନ ପରେ ଜଣାପଡ଼ିବ। ଏହି ମହାବିଦ୍ୟାଳୟ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବ ସୂଚନା ମିଳିଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁର ଆର୍ଟସ କଲେଜ ପାଇଁ ସାମଗ୍ରିକ ଭାବେ ସବୁ କ୍ଷେତ୍ରରେ ପ୍ରକ୍ରିୟା ଚାଲିଛି। ଏନେଇ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରାଯାଇଛି, ସରକାରଙ୍କ ଅନୁମୋଦନ ମିଳିଲେ ତାହା ଆରମ୍ଭ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

# ପୁରୀରେ 'ଓଡ଼ିଶା ଗୌରବ ଚନ୍ଦ୍ରଶେଖର ବେହେରା' ଆଲୋଚନାଚକ୍ର

**ସମ୍ବଲପୁର, ୧୭।୪ (ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଆନୁକୂଲ୍ୟରେ ପୁରୀ ଜିଲ୍ଲା ସ୍କୁଲ, ପୁରୀଠାରେ 'ଓଡ଼ିଶା ଗୌରବ ଚନ୍ଦ୍ରଶେଖର ବେହେରା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶାର ବରପୁତ୍ର ଚନ୍ଦ୍ରଶେଖର ବେହେରାଙ୍କ ପରି ବ୍ୟକ୍ତିତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କ ସଚେତନତା ପାଇଁ ଏପରି ଆଲୋଚନାଚକ୍ର ଆୟୋଜନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଲେଖକ ରାମାନୁଜ ପଣ୍ଡା ଭାଷା ଆନ୍ଦୋଳନ ତଥା ସ୍ୱାଧୀନତା ଆନ୍ଦୋଳନରେ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ, ଜିଲ୍ଲା ଶିକ୍ଷା ଓ ତାଲିମ ଅନୁଷ୍ଠାନ ଚଣ୍ଡେଶ୍ୱର ମହାପାତ୍ର ମଧୁବାବୁ ଓ ଗୋପବନ୍ଧୁଙ୍କ ସମସାମୟିକ ଚନ୍ଦ୍ରଶେଖର ବେହେରା ଏକାଧାରରେ ଜଣେ ସମାଜ ସଂସ୍କାରକ, ଉତ୍ତମ ପ୍ରଶାସକ ଓ ଇଂରେଜ ସରକାର ପାଖରେ ମୁଣ୍ଡ ନ ନୁଆଁଇ ନିର୍ଭୀକ ଭାବେ ନିଜ ମତ ଉପସ୍ଥାପନ କରୁଥିଲେ ବୋଲି କହିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଚନ୍ଦ୍ରଶେଖରଙ୍କ ଲୋକହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ବିଷୟରେ କହିଥିଲେ। ଏହି ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ବର୍ଗରେ ସତ୍ୟପ୍ରିୟ କବି ପ୍ରଥମ, ସାଇ ସିରୁଲ ରଥ ଦ୍ୱିତୀୟ ଓ ସାଇ ସମ୍ପନ୍ନା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବର୍ଗରେ ଜସଶ୍ରୀ ସାହୁ ପ୍ରଥମ, ସାଇ ସମ୍ପନ୍ନା ପାଳ ଦ୍ୱିତୀୟ ଓ ସ୍ୱପ୍ନଶ୍ରୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂସ୍କୃତ ଶିକ୍ଷକ ବିଦ୍ୟାଧର ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ହରପ୍ରିୟା ଜାଲି, ସସ୍ମିତା ମଲ୍ଲିକ, ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ମହୁଲପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ



**କୁଚିଣ୍ଡା, ୧୭।୪(ସମିସ):** ବାମରା ବ୍ଲକ ମହୁଲପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ଅନ୍ତର୍ଗତ ପିଲାଙ୍କୁ ୟୁନିଫର୍ମ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବ୍ଲକ ଶିକ୍ଷା ଅଧିକାରୀ ଗୀତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୭୩ ଜଣ ଛାତ୍ରଛାତ୍ରୀଙ୍କୁ ଆଜି ପୋଷାକ ବଣ୍ଟନ କରାଯାଇଥିଲା। ପ୍ରଧାନଶିକ୍ଷକ କିରଣ ପ୍ରକାଶ ନାୟକ, ଶିକ୍ଷକ ମନୋଜ କୁମାର ସାହୁ, ଶିବ କିସାନ, ସରୋଜ କିସାନ, ଶିକ୍ଷୟିତ୍ରୀ ଶିବାଞ୍ଜଳି ଅଚ୍ଛି, ସୁପ୍ରିୟା ପଟେଲ, ତୁଳସୀ ଲାକ୍ରା, ବର୍ଷା ସୁନାନୀଙ୍କ ସହ ଆଲୋକ ରଞ୍ଜନ ପଟେଲ, ରାହୁଲ ଦେଓ, ଦୋଳଗୋବିନ୍ଦ ସେଠି, ଗୀତା ସାହୁ ଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀ କପ୍ ୧୪ ବର୍ଷରୁ କମ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୭।୪ (ସମିସ) :** ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ଆନ୍ତଃକ୍ଲବ ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆନୁକୂଲ୍ୟରେରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆଜି ବାଳକ ବର୍ଗରେ ଦୁଇଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳ ଏମ୍‌ସିସି କ୍ଲବ ଏବଂ ବ୍ଲୁ-ଡାଇମଣ୍ଡ କ୍ଲବ ମଧ୍ୟରେ ହୋଇଥିବାବେଳେ ଏମ୍‌ସିସି କ୍ଲବ ୯-୧ ଗୋଲରେ ବିଜୟୀ ହୋଇଥିଲା। ଆଜିର ମ୍ୟାଚ ପାଇଁ ଜିଲ୍ଲା ରଜକ ସମାଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠ, ସ୍ମୃତିରଞ୍ଜନ ମହାପାତ୍ର, ପୃଥ୍ୱୀରାଜ ବେହେରା, ଜଗବନ୍ଧୁ ବେହେରା, ଅଜଗର ଅଲ୍ଲି, ଲକ୍ଷ୍ମଣ ନାଥ, ରେଖା ଦେ, ରତିକାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦୁଇ ଦଳର ଖେଳାଳିଙ୍କୁ ସାକ୍ଷାତ କରିବା ସହ ପ୍ରୋତ୍ସାହିତ କରିଥିଲେ। ଦ୍ୱିତୀୟ ଖେଳ ଆଫତାବ କ୍ଲବ ଏବଂ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ୫-୦ ଗୋଲରେ ବିଜୟୀ ହୋଇଥିଲା। ଉଭୟ ଖେଳକୁ ରେଫରୀ ଭାବେ ସରୋଜ ବାଗ, ଭାରତୀ ଓରାମ, ଅସିତ ସାହୁ, ଅରୁଣ ଭୋଇ ଓ ବିଜୟ ଓରାମ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଓ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଜନଗଣନାରେ ପଛୁଆ ବର୍ଗଙ୍କୁ ଉପେକ୍ଷା

# ୨୨ରେ ରାଜଧାନୀରେ ବିକ୍ଷୋଭ

**ସମ୍ବଲପୁର, ୧୭।୪ (ସମିସ)**

ପ୍ରାୟ ୧୪ ବର୍ଷର ବ୍ୟବଧାନ ପରେ ଜନଗଣନା ଏବଂ ଦୀର୍ଘ ୯୪ ବର୍ଷ ପରେ ସମଗ୍ର ଭାରତରେ ଜାତିଗତ ଜନଗଣନା କରାଯାଉଛି। ଜାତିଗତ ଜନଗଣନା କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜନଗଣନାରେ ମୁଖ୍ୟତଃ ଦେଶର ଜନସଂଖ୍ୟା, ସାମାଜିକ, ଆର୍ଥିକ, ଶିକ୍ଷା, ଜାତି, ବୃତ୍ତି ଏବଂ ରହଣି ଆଦି ସ୍ଥିତି ଜାଣିବା ପରେ ଜନସଂଖ୍ୟା ଅନୁପାତରେ ବିଭିନ୍ନ କ୍ଷେତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ। ତେବେ ଚଳିତ ଜନଗଣନାରେ ସମଗ୍ର ଦେଶରେ ବସବାସ କରୁଥିବା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ଗଣନା କରା ନ ଯିବା ପରିତାପର ବିଷୟ ବୋଲି ରାଜ୍ୟ ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ର କହିଛନ୍ତି। ଚଳିତ ଜାତିଗତ ଜନଗଣନାର ୧୩ ନମ୍ବର କଲମ୍‌ରେ ପଚାରାଯାଉଥିବା ପ୍ରଶ୍ନରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଯୋଡ଼ା ନ ଯିବା ଦ୍ୱାରା ଏହା ଜନଗଣନାର ମୂଳ ଲକ୍ଷ୍ୟ ଏବଂ ଗତ ୩୦.୪.୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟିରେ ଜାତି ଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ନେଇ ହୋଇଥିବା ନିଷ୍ପତ୍ତିର ବିରୁଦ୍ଧାଚରଣ କରୁଛି ବୋଲି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।



କାକା କାଲେକର, ମଣ୍ଡଳ କମିଶନ, ରୋହିଣୀ କମିଶନ ଓବିସିଙ୍କ ଗଣନା କରିବାକୁ ସରକାରଙ୍କୁ ସୁପାରିଶ କରିଛନ୍ତି ଓ ସୁପ୍ରିମକୋର୍ଟ ମଧ୍ୟ ଜାତିଭିତ୍ତିକ ତଥ୍ୟ ନ ଥିଲେ ଆରକ୍ଷଣ ସମ୍ଭବ ନୁହେଁ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବର୍ତ୍ତମାନର ସରକାର ଦେଶ ଏବଂ ସମାଜର ସାମଗ୍ରିକ ସ୍ୱାର୍ଥ ଏବଂ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ନୁହନ୍ତି ଓ ଏହା ଫଳରେ ଓଡ଼ିଶାରେ ବସବାସ କରୁଥିବା ସାଢ଼େ ୪ କୋଟି ଓଡ଼ିଆଙ୍କ ମଧ୍ୟରୁ ପ୍ରାୟ ୫୨ ପ୍ରତିଶତ ଅର୍ଥାତ ୨ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପ୍ରଭାବିତ ହେବେ। ଚଳିତ ଜନଗଣନାର ୧୩ ନମ୍ବର କଲମ୍‌ରେ ପଚାରା ଯାଉଥିବା ପ୍ରଶ୍ନରେ ଓବିସି ସାମିଲ କରିବାକୁ ଦାବିନେଇ ଆଗାମୀ ୨୨ ତାରିଖ ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓବିସି ସଦସ୍ୟ ସାମିଲ ହେବେ ବୋଲି ରାଜ୍ୟ ସଭାପତି ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଓବିସି ମଞ୍ଚର ପ୍ରବକ୍ତା ବିରଞ୍ଚି ସାହୁ 'ଓବିସି ଜାତି ଗଣନା ନାହିଁ ତ ଜନଗଣନାକୁ ସ୍ୱାଗତ ନାହିଁ' ବୋଲି ପ୍ରକାଶ କରି, ଯଦି ସରକାର ଓବିସିଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଅଣଦେଖା କରନ୍ତି ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ବଲପୁର ଜିଲ୍ଲା ଆବାହକ ସରୋଜ ସାହୁ, ସଦସ୍ୟ ଜଟାଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଳାହାଣ୍ଡି - ବଲାଙ୍ଗିର ଜିଲ୍ଲା ପ୍ରଶାସନ ଚୁପ୍

# ତେଲ ନଦୀ ବ୍ରିଜ ଉପରେ ଆଲୋକୀକରଣ ସହ ପୁଲିସ ଆଉଟ୍ ପୋଷ୍ଟ ଦାବି

**କେସିଙ୍ଗା, ୧୭ ।୪(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ଓ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ସହରକୁ ସଂଯୋଗ କରିବା ପାଇଁ କେସିଙ୍ଗା ତେଲନଦୀ ବ୍ରିଜ ଉପରେ ପ୍ରାୟ ୭ ଶହ ମିଟରର ବ୍ରିଜ ନିର୍ମାଣ କରି ଲୋକଙ୍କ ଯାତାୟାତ୨୦୨୨ ମସିହାରୁ ସୁଗମ ହେଉଛି। ଆଗରୁ କେସିଙ୍ଗାରୁ ହକ ରହିଛି ବ୍ରିଜର ଅଧା କଳାହାଣ୍ଡି କବଜା ରହିଥିବା ବେଳେ ଅଧା ବଲାଙ୍ଗିର ଜିଲ୍ଲାର କବଜାରେ ରହିଛି। କେସିଙ୍ଗା ପଟୁ ବ୍ରିଜ ପର୍ଯ୍ୟନ୍ତ କେସିଙ୍ଗା ଏନ୍ଏସି ପକ୍ଷରୁ ସୁନ୍ଦର ଆଲୋକିକରଣ ହୋଇଛି। ଅନ୍ୟପଟେ ମଧ୍ୟ ଟିଟଲାଗଡ଼ ପକ୍ଷରୁ ଆଲୋକିକରଣ କରାଯାଇଛି ହେଲେ ମଝିରେ ଥିବା ବ୍ରିଜ ସମ୍ପୂର୍ଣ ଅନ୍ଧାରରେ ରହିଯାଇଛି। ଫଳରେ ଅନେକ ସମୟରେ ବିଭିନ୍ନ ହୋଇଥାଏ ।ଏପରିକି ରାତ୍ରି ସମୟରେ ମଧ୍ୟ ଉକ୍ତ ରାସ୍ତା ଭିଡ଼ ପରିଲକ୍ଷିତ ହୋଇଥାଏ କାରଣ ଟିଟଲାଗଡ଼ ରେଳ ଷ୍ଟେସନ ଏକ ଜଙ୍ଗସନ ରେଳଷ୍ଟେସନ ଭାରତର ପ୍ରତ୍ୟେକ ରାଜ୍ୟକୁ ଯିବାପାଇଁ ସିଧା ସଳଖ ଟ୍ରେନ ମିଳିଥାଏ। ତେଣୁ କେବଳ କେସିଙ୍ଗାବାସୀ ନୁହନ୍ତି ସାରା ଜିଲ୍ଲାର ରେଳଯାତ୍ରୀ ସେହି ରାସ୍ତାରେ ଦିନ ରାତି ବାଇକ୍‌ରେ କିମ୍ବା ଅଟୋରିକ୍ସା ଅବା ନିଜର ଗାଡିରେ






ଟିଟିଲାଗଡ଼ ଯିବାକୁ ହେଲେ ଭାୟା ବେଲଗାଁ ହୋଇ ପ୍ରାୟ ୪୫ କିଲୋମିଟର ବୁଲିକି ଯିବାକୁ ପଡୁଥିଲା ହେଲେ ବ୍ରିଜ ନିର୍ମାଣ ହେବା ପରେ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଠାରୁ ଟିଟଲାଗଡ଼ର ଦୂରତା ୪୫ କିମିରୁ ୧୮କିମି ହୋଇ ଯାଇଛି। ସେଥିପାଇଁ ଦୁଇ ଜିଲ୍ଲା ମଧ୍ୟରେ ଗମନାଗମନ ସହିତ ବ୍ୟବସାୟରେ ମଧ୍ୟ ନୂତନ ବ୍ରିଜ ରାମବାଣ ସାବିତ ହେଲା। ହେଲେ ଉକ୍ତ ବ୍ରିଜ ଉପରେ ଭୌଗଳିକ ଦୃଷ୍ଟି କୋଣରୁ ଦୁଇ ଜିଲ୍ଲାର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ।କେସିଙ୍ଗା ପଟେ ବ୍ରିଜର ଅନତି ଦୂରରେ କେସିଙ୍ଗା ଏନ୍ଏସି ପକ୍ଷରୁ ଏକ ସେଲଫି ପଏଣ୍ଟ ନିର୍ମାଣ କରାଯିବା ସହିତ ଆବଶ୍ୟକ ସ୍ଥଳେ ଲୋକଙ୍କ ବସିବା ପାଇଁ ବେଞ୍ଚର ବ୍ୟବସ୍ଥା କରାଯାଇଛି। ସେଥିପାଇଁ କେସିଙ୍ଗା ବାସୀ ଆମୋଦ ପ୍ରମୋଦ ହେଉ, ଫୋଟୋ ଉଠାଇବା ପାଇଁ ହେଉ କିମ୍ବା ଖୋଲା ପବନ ଖାଇବା ପାଇଁ ହେଉ ଅବା ମର୍ଣ୍ଣିଙ୍ଗ ୱାକ ପାଇଁ ହେଉ ସେହି ସ୍ଥାନରେ ଭିଡ଼ ପରିଲକ୍ଷିତ ଯିବା ଆସିବା କରିଥାନ୍ତି। ହେଲେ କେସିଙ୍ଗା ପଟୁ ଉକ୍ତ ବ୍ରିଜ ପର୍ଯ୍ୟନ୍ତ ଆଲୋକୀକାରଣ ରହିଛି ପରେ ବ୍ରିଜ ଉପରେ ପ୍ରାୟ ୭ ଶହ ମିଟର ଆଲୋକୀକାରଣ ନାହିଁ। ପୁଣି ବ୍ରିଜ ଡେଇଁଲା ପରେ ଆର ମୁଣ୍ଡରେ ପୁଣି ଟିଟଲାଗଡ଼ ସାଇଡରେ ମହଦା ମିନି ଷ୍ଟାଡିୟମ ପାଖରୁ ଆଲୋକିକରଣ ହୋଇଛି। ମଝିରେ ପ୍ରାୟ ବ୍ରିଜ ଉପରେ ନା କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଲୋକିକରଣ ବିଷୟରେ ଚିନ୍ତା କରାଯାଇଛି ନା ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଚିନ୍ତା କରାଯାଇଛି। ଯଦି ବ୍ରିଜ ଦୁଇ ଜିଲ୍ଲାର ସୀମାରେ ଅବସ୍ଥିତ ତାହାହେଲେ ବ୍ରିଜର ଅଧା କେସିଙ୍ଗା ଏନ୍ ଏସି ପକ୍ଷରୁ ଆଲୋକିକରଣ କରାଯାଉ ଓ ବାକି ଅଧାକୁ ଟିଟଲାଗଡ଼ ପ୍ରଶାସନ ପକ୍ଷରୁ ଆଲୋକିକରଣ କାହିଁକି କରାଯାଉ ନାହିଁ ଜାଣି ହେଉନାହିଁ ।ଆଲୋକି କରଣ ହେଲେ ବ୍ରିଜର ସୁନ୍ଦରତା ବୃଦ୍ଧି ପାଇବା ସହିତ ଉକ୍ତ ରାସ୍ତା ରେ ଯାତାୟାତ କରୁଥିବା ଲୋକେ ମଧ୍ୟ ସୁରକ୍ଷିତ ରହିବେ ।ଅବଶ୍ୟ କେସିଙ୍ଗା ପୁଲିସ ପକ୍ଷରୁ ସମୟ ସମୟରେ ବ୍ରିଜ ଉପରେ ଦିନ ରାତି ଗାଡ଼ି ଚେକିଂ ହେଉଥିଲେ ମଧ୍ୟ ପର୍ଯ୍ୟପ୍ତ ହେଉନାହିଁ ।ଜିଲ୍ଲା ସୀମା ଓ କେସିଙ୍ଗା ସହର ନିକଟ ବର୍ତ୍ତି ହେଉଥିବାରୁ ଅନ୍ତଜିଲ୍ଲା ଚୋରମାନେ ମଉକା ଖୋଜି ବସିଛନ୍ତି ଓ କେସିଙ୍ଗା ରେ ଅନେକ ସମୟରେ ଛୋଟ ବଡ଼ ଚୋରି ଡକାୟତି ହେଉଥିଲେ ମଧ୍ୟ ଚୋର ମାନେ ପ୍ରାୟ ସମୟରେ ପୁଲିସକୁ ଚକମା ଦେବାରେ ସଫଳ ହେଉଛନ୍ତି ।ତେଣୁ ବ୍ରିଜର କେସିଙ୍ଗା ମୁଣ୍ଡରେ ଏକ ପୁଲିସ ଆଉଟ୍‌ପୋଷ୍ଟ ପାଇଁ କେସିଙ୍ଗାର ଅନେକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ମଧ୍ୟ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ଧ୍ୟାନ ଦିଆଯାଉନାହିଁ। ଯଥା ଶୀଘ୍ର ତେଲ ନଦୀ ବ୍ରିଜ ଉପରେ ଆଲୋକିକରଣ ସହିତ ବ୍ରିଜର କେସିଙ୍ଗା ପଟରେ ପୁଲିସ ଆଉଟ୍‌ପୋଷ୍ଟ ପାଇଁ ଅଞ୍ଚଳର ବୁଦ୍ଧିଜିବୀଙ୍କ ସମେତ ସଚେତନ ନାଗରିକମାନେ ଦାବି କରିଛନ୍ତି।



ବଲାଙ୍ଗିର ସାଇଟ୍ ନର୍ସିଂ କଲେଜର ଜିଏନଏମ ଓ ବିଏସସି ନର୍ସିଂର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ

# ଘୁଲୁଘୁଲାପଦରରେ ୧୫ ଦିନ ହେଲା ନଳକୂପ ଅଚଳ

**ପଲଶାଗୋରା, ୧୭ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗାଁରେ ଥିବା ଏକମାତ୍ର ନଳକୂପ ୧୫ରୁ ଅଧିକ ଦିନ ହେଲା ଅଚଳ ହୋଇଯାଇଛି। ଗାଁରେ ୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ସେମାନେ ପାଣି ପାଇଁ ଏହି ନଳକୂପ ଉପରେ ନିର୍ଭରଶୀଳ; ମାତ୍ର ପାଇପ୍ ଫାଟି ଯାଇଥିବାରୁ ସେଥିରେ ପାଣି ଆସୁନାହିଁ। ଏହାଦ୍ୱାରା ପାଣି ପାଇଁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଅଚଳ ନଳକୂଅ ମରାମତି ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କଲେ ବି କୌଣସି ସମାଧାନ ହୋଇପାରୁ ନ ଥିବା କହିଛନ୍ତି। ବର୍ତ୍ତମାନ ପ୍ରଚଣ୍ଡ ଖରାରେ ଜଳକଷ୍ଟ ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ନଳକୂଅ ମରାମତି ସହ ଆଉ ଏକ ନଳକୂଅ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲର ସଫଳତା







**ଡୁଙ୍ଗୁରିପାଲି, ୧୭ ।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବଡ଼ ଫଟାମୁଣ୍ଡାସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରୀ ସିବିଏସ୍ଇ ଦଶମ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୋମ୍ୟରଞ୍ଜନ ସାହୁ ୯୦.୨ ପ୍ରତିଶତ, ମାନସ ରଞ୍ଜନ ହଂସ ୯୧ ପ୍ରତିଶତ, ତେଜସ୍ୱରୀ ବେହେରା ୮୦.୪ ପ୍ରତିଶତ ରଖି ଯଥାକ୍ରମେ ପ୍ରତମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ସର୍ବମୋଟ ୧୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଏହି ସଫଳତା ପଛରେ ମୁଖ୍ୟ ଭୂମିକା ରହିଥିବା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଯଶୋବନ୍ତ ସାହୁ (ଅଭି) ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

■ ମହଙ୍ଗା ପଡ଼ିଲା ଭୁଲ ଅନ୍‌ଲାଇନ ଟିକେଟ୍

# ଖାଉଟି ଅଦାଲତରେ ମେକ୍ ମାଇ ଟ୍ରିପ୍ କମ୍ପାନୀ ଦଣ୍ଡିତ

**ଭବାନୀପାଟଣା, ୧୭ ।୪(ସମିସ):** ପ୍ରଚଳିତ ଡିଜିଟାଲ ଯୁଗରେ ଅନଲାଇନ ବୁକିଂ ସେବା ଲୋକମାନଙ୍କ ଜୀବନକୁ ସହଜ କରିଥିବା ବେଳେ କେତେକ ସମୟରେ ଏହା ଗୁରୁତର ସମସ୍ୟାର କାରଣ ମଧ୍ୟ ହେଉଛି। ଏପରି ଏକ ଘଟଣାରେ କଳାହାଣ୍ଡି ଜିଲ୍ଲା ଉପଭୋକ୍ତା ବିବାଦ ନିରାକରଣ କମିଶନ (ଖାଉଟି ଅଦାଲତ) ଗୋଟିଏ ମହତ୍ୱପୂର୍ଣ୍ଣ ରାୟ ଦେଇ ଅନ୍‌ଲାଇନ ଟ୍ରାଭେଲ କମ୍ପାନୀ ମେକ୍ ମାଇ ଟ୍ରିପ୍ ଦଣ୍ଡିତ ହୋଇଛି। ଖାଉଟି ଅଦାଲତରେ ନିହାର ରଞ୍ଜନ ମିଶ୍ର ଏକ ଅଭିଯୋଗକୁ ଦାଖଲ କରିଥିଲେ। ସେ ତାଙ୍କ ପରିବାର ସହ କୋଚି ଯିବା ପାଇଁ ୧୧ଟି ବିମାନ ଟିକେଟ୍ ବୁକ୍ କରିଥିଲେ। ଏହି ବୁକିଂ ତାଙ୍କ ମିତ୍ରଙ୍କ 'ଗୋଲ୍ଡ ମେମ୍ବର ସିପ୍' ବ୍ୟବହାର କରି ମେକ୍ ମାଇ ଟ୍ରିପ୍ ପ୍ଲାଟଫର୍ମ ମାଧ୍ୟମରେ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୨୫ରେ ସମସ୍ତ ଯାତ୍ରୀଙ୍କ ଠିକ୍ ବିବରଣୀ (ଆଧାର କାର୍ଡ ସହିତ) ଇମେଲ୍ ମାଧ୍ୟମରେ ପଠାଇଥିଲେ ଓ ପ୍ରାୟ ୧ ଲକ୍ଷ ୩୬ ହଜାର ୪୬୫.୫୦ ଟଙ୍କା ଦେଇଥିଲେ। ତେବେ ଟିକେଟ୍ ମିଳିବା ପରେ ଦେଖାଗଲା ଯେ ଗୋଟିଏ ଯାତ୍ରୀ 'ପ୍ରଦୀପ କୁମାର ମିଶ୍ର'ଙ୍କ ନାମ ଭୁଲରେ ପ୍ରଦୀପ କୁମାର ଭାବେ ଟାଇପ୍ ହୋଇଛି। ଏହି ଭୁଲ ସମ୍ପର୍କରେ ତୁରନ୍ତ କମ୍ପାନୀକୁ ଜଣାଇଲେ ମଧ୍ୟ, ସେମାନେ ୪୮ ଘଣ୍ଟା ଅପେକ୍ଷା କରନ୍ତୁ' ବୋଲି କହି ସମୟ କଟାଇଥିଲେ। କିନ୍ତୁ କୌଣସି ସମାଧାନ କରି ନ ଥିଲେ। ଶେଷରେ କମ୍ପାନୀ ପକ୍ଷରୁ ଏୟାରଲାଇନ୍ ସହ ସମ୍ପର୍କ କରିବାକୁ ଉପଭୋକ୍ତାଙ୍କୁ କୁହାଯାଇଥିଲା। ତେବେ ଏୟାରଲାଇନ୍ ପକ୍ଷରୁ ଭୁଲ ଟିକେଟ୍ କ୍ୟାନସେଲ୍ଫ କରି ନୂତନ ଟିକେଟ୍ ବୁକ୍ କରିବାକୁ ପରାମର୍ଶ ଦିଆଯାଇଥିଲା। କମ୍ପାନୀ ଆଶ୍ୱାସନ ଦେଲେ ଯେ ନୂତନ ଟିକେଟ୍ ନେଲେ ପୁରୁଣା ଓ ନୂତନ ଉଭୟ ଟିକେଟ୍ ଟଙ୍କା ଫେରସ୍ତ ଦିଆଯିବ। ଏହାର ଭରସାରେ ଅଭିଯୋଗକାରୀ ପୁଣି ଥରେ ୨୦ ହଜାର ୭୩ ଟଙ୍କା ଖର୍ଚ୍ଚ କରି ନୂତନ ଟିକେଟ୍ କିଣିଥିଲେ। ହେଲେ କମ୍ପାନୀ ମଧ୍ୟ ଏହି ଟଙ୍କା ଫେରସ୍ତ ଦେଇନଥିଲେ କି ନିଜ ଦୋଷକୁ ଅସ୍ୱୀକାର କରିଥିଲେ। ତେବେ କମିଶନର ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜୋସ୍ନାରାଣୀ ମିଶ୍ର ଏହି ମାମଲାର ବିଚାର କରି ରାୟ ଶୁଣାଇ ଥିଲେ ଯେ ଅଭିଯୋଗକାରୀ ସଠିକ୍ ସୂଚନା ଦେଇଥିଲେ ମଧ୍ୟ ଭୁଲ ଟାଇପିଂ କମ୍ପାନୀ ପକ୍ଷରୁ ହୋଇଛି। ଭୁଲ ପାଇଁ ଗ୍ରାହକଙ୍କୁ ଭଣ୍ଡାଇ ଅନ୍ଧାରରେ ରଖିବା ଅନ୍ୟାୟ। ରିଫଣ୍ଡ ଆଶ୍ୱାସନ ଦେଇ ପୂରଣ ନ କରିବା ନୀତିହୀନ ବ୍ୟବସାୟ। ତେଣୁ ଏହାକୁ ଉପଭୋକ୍ତା ସୁରକ୍ଷା ନିୟମ ୨୦୨୦ ଉଲ୍ଲଂଘନ ବୋଲି ମନେ କରିଥିଲେ। ଏଥିପାଇଁ କମିଶନର ଉପଭୋକ୍ତାଙ୍କ ୧୮ ହଜାର ୮୮୦ ରିଫଣ୍ଡ (୯%ସୁଧ ସହ) ସହିତ ମାନସିକ ଯନ୍ତ୍ରଣା ପାଇଁ ୩୦ ହଜାର, ମାମଲା ଖର୍ଚ୍ଚ ୧୦ ହଜାର ଓ ରାଜ୍ୟ ଉପଭୋକ୍ତା ଖାଉଟି ସୁରକ୍ଷା ପାଣ୍ଠିରେ ୧୦ ହଜାର ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସାମୂହିକ ଭାବେ କାମ କରିବାକୁ ଡମ୍ବରୁଙ୍କ ଆହ୍ୱାନ

**କଣ୍ଟାମାଳ, ୧୭ ।୪(ସମିସ):** ବୌଦ୍ଧ ଜିଲ୍ଲାର ନବ ନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ ସସ୍ମିତା ସେନାପତିଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀ କହଁର କଣ୍ଟାମାଳ ବ୍ଲକ ଗସ୍ତ କରି ବିଭିନ୍ନ ବ୍ୟକ୍ତି ବିଶେଷ, ରାଜନେତା ଏବଂ ଅନୁସୂଚିତ ଜାତି, ଜନଜାତି ସମାଜର ବ୍ୟକ୍ତି ବିଶେଷଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳର ସମସ୍ୟା ବିଷୟରେ ବୁଝିବା ସହିତ ପରାମର୍ଶ କରିଛନ୍ତି। ଏହା ସହିତ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ ସସ୍ମିତା ସେନାପତିଙ୍କୁ ତାଙ୍କ ବାସଭବନରେ ଭେଟି ଅଞ୍ଚଳର ବିକାଶ ପାଇଁ ଆଲୋଚନା କରିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତେ ଲୋକଙ୍କ ପାଇଁ ସାମୂହିକ ଭାବେ କାମ କଲେ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇ ପାରିବ ବୋଲି ଶ୍ରୀ କହଁର କହିଛନ୍ତି।

# ଯୁକ୍ତ ୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଡୁଙ୍ଗୁରିପାଲି, ୧୭ ।୪ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଶୈଳେଶ ଶତପଥୀଙ୍କ ତତ୍ତ୍ୱାବଧାନରେ ସଭା ହୋଇଥିଲା। ଅଧ୍ୟାପିକା ଗୋପିକା ଦାଶ ଉପସ୍ଥିତ ଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ସପ୍ନା ସାଲମା ସ୍ୱାଗତ ଭାଷଣ ଦେଇଥିଲେ। ସେହିଭଳି ଦ୍ୱିତୀୟ ବର୍ଷର ଛାତ୍ରୀ ଲିପି ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।




# ବିଦ୍ୟୁତ୍ ସଂଯୋଗ ଦେବାକୁ ଟଙ୍କା ଦାବି

**ବୌଦ୍ଧ, ୧୭ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ମହକୁମାର ସୁଚିସ୍ମିତା ସାହୁ ନୂତନ ବିଦ୍ୟୁତ୍ ସଂଯୋଗ ନେଇ ପାରୁ ନାହାନ୍ତି। ବିଦ୍ୟୁତ୍ ସଂଯୋଗ ନେବାକୁ ସେ ୪ମାସ ତଳେ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ଆବେଦନ ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ସୁଚିସ୍ମିତାଙ୍କ ଘରକୁ ଯାଇ ବିଦ୍ୟୁତ୍ ସଂଯୋଗ ପାଇଁ ଉଦ୍ୟମ କରିଥିଲେ; କିନ୍ତୁ ସେହି ଗ୍ରାମର ନେପାଳ ରଣା ଏହି ବିଦ୍ୟୁତ୍ ଖୁଣ୍ଟରୁ ବିଦ୍ୟୁତ୍ ସଂଯୋଗ ଦେଇହେବନାହିଁ ବୋଲି ରୋକଠୋକ ମନା କରି ଦେଇଥିବା ସୁଚିସ୍ମିତା ଅଭିଯୋଗ କରିଛନ୍ତି। ଟଙ୍କା ଖର୍ଚ୍ଚ କରି ବିଦ୍ୟୁତ୍ ଖୁଣ୍ଟ ପୋତିଛି କହି ନେପାଳ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଫେରାଇ ଦେଇଥିଲେ। ଯଦି ଏହି ଖୁଣ୍ଟରୁ ସୁଚିସ୍ମିତା ବିଦ୍ୟୁତ୍ ସଂଯୋଗ ନେବେ ୨୦ହଜାର ଟଙ୍କା ଦିଅନ୍ତୁ ବୋଲି ନେପାଳ ଦାବି କରିଥିଲେ। ଏହାପରେ ସୁଚିସ୍ମିତା ଜିଲ୍ଲାପାଳ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିବାର ଏକ ମାସରୁ ଅଧିକ ହୋଇଯାଇଥିଲେ ସୁଦ୍ଧା ସମାଧାନ ହୋଇ ନ ଥିବା ସୁଚିସ୍ମିତା ଅଭିଯୋଗ କରିଛନ୍ତି।




ଫେରିଗଲେ ବିଦ୍ୟୁତ୍ ବିଭାଗ କର୍ମଚାରୀ

ମହିଳାଙ୍କୁ ଗାଁର ଜଣେ ବ୍ୟକ୍ତି ଧମକାଉଛନ୍ତି

ଜିଲ୍ଲାପାଳଙ୍କୁ ଅଭିଯୋଗ ସତ୍ତ୍ୱେ ସମାଧାନ ହେଉନି

# ଶୁଣ୍ଢି ସମାଜର ମହାସଭା




**ମ.ରାମପୁର, ୧୭ ।୪(ସମିସ):** ସୁବର୍ଣ୍ଣଗ୍ରାହୀ ବୈଶ୍ୟ ଶୁଣ୍ଢୀ ସମାଜ ଅମାଠୋଲାରେ କଳାହାଣ୍ଡି, ବରଗଡ଼, କନ୍ଧମାଳ, ରାୟଗଡ଼ା, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ସମସ୍ତ ଶୁଣ୍ଢୀ ସମାଜ ପରିବାର ମିଳିତ ଉଦ୍ୟମରେ ମହାସଭା ଅନୁଷ୍ଠିତ ହୋଇଯାଇଛି ।ମହାସଭାରେ ମୁଖ୍ୟଅତିଥି ମୋହନଗିରି ଅଞ୍ଚଳର ପୂର୍ବତନ ସମ୍ପାଦକ ଝାରୁ ବେହେରା, ବଲାଙ୍ଗିର ଜିଲ୍ଲା ଲାଠୋର ଅଞ୍ଚଳର ଯୁବରାଜ ବେହେରା ମୁଖ୍ୟବକ୍ତା କଳାହାଣ୍ଡି ଜିଲ୍ଲା ଅମାଠୋଲା ଅଞ୍ଚଳ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ମୋହନଗିରି ଅଞ୍ଚଳ ସଭାପତି ମକାରଧ୍ୱଜ ବେହେରା ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ଲାଞ୍ଜିଗଡ଼ ଅଞ୍ଚଳ ସଭାପତି ଦେବାର୍ଚ୍ଚନ ବେହେରା, ସମ୍ପାଦକ ରାମପ୍ରସାଦ ବେହେର, ବିଶ୍ୱନାଥପୁର ଅଞ୍ଚଳ ସଭାପତି ଗଜେନ୍ଦ୍ର ସାହୁ, ସମ୍ପାଦକ ମକାରୁ ବେହେର, ଖପ୍ରାଖୋଲ ଅଞ୍ଚଳ ସଭାପତି ଯୁବରାଜ ବେହେରା, ସମ୍ପାଦକ ଜଳନ୍ଧର ବେହେରା, କଣ୍ଟାବାଞ୍ଜି ଅଞ୍ଚଳ ସଭାପତି ଗଜେନ୍ଦ୍ର ବେହେରା ଚାନ୍ଦୋତାର, ସମ୍ପାଦକ ନୟନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଶୁଣ୍ଢୀ ସମାଜ ନୀତି ନିୟମ ପରିବର୍ତ୍ତନ, କାର୍ଯ୍ୟପନ୍ଥା ଅନୁସରଣ ବିଭିନ୍ନ କାର୍ଯ୍ୟଖସଡ଼ା ପ୍ରସ୍ତୁତ ସହିତ ସମାଜ ଉନ୍ନତି ମାର୍ଗ ଉପରେ ଆଲୋଚନା କରାଯାଇଥିଲା। ମହାସଭାରେ ଅନନ୍ତ ରାମ ବେହେରା, କଳ୍ପେଶ୍ୱର ବେହେରା, ସୁଦର୍ଶନ ବେହେରା ବିରଞ୍ଚି ବେହେରା, ଗୋକୁଳ ବେହେରା, ସୁରେନ୍ଦ୍ର ବେହେରା ଭବାନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ସଦସ୍ୟ ଦୈତାରୀ ଚଲାନ ଜେନାମଣି ବେହେରା ସୁଦର୍ଶନ ବେହେରା ହେମାଳ ବେହେରା ଚୂଡ଼ାମଣି ବେହେରା ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ସମ୍ପାଦକ ଘନଶ୍ୟାମ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ।

# ୧ରେ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ

**ମ.ରାମପୁର, ୧୭ ।୪(ସମିସ):** କଳାହାଣ୍ଡିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗଯାତ୍ରୀ ସାହିତ୍ୟ ସଂସଦ ତରଫରୁ ଆସନ୍ତା ମଇ ୧ ତାରିଖ ଦିନ ସନ୍ଥକବି ଭୀମଭୋଇ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ହେମନ୍ତ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷ ମୋହନଗିରୀର ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ମିଳିତ ସହଯୋଗରେ ଧବଳେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପରେ ଉତ୍ସବ ଆୟୋଜନ ପାଇଁ ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶୁକଦେବ ସାହୁ ଓ ଲକ୍ଷ୍ମୀକାନ୍ତ ବେହେରା, ଉପଦେଷ୍ଟା ଅବସରପ୍ରାପ୍ତ ପୁଲିସ ଅଧିକାରୀ ବୈଦ୍ୟ ନାରାୟଣ ଭୋଇ ନିଜ ମତ ପ୍ରକାଶ କରିଥିଲେ। ଉତ୍ସବ ଅବସରରେ ସନ୍ଥକବିଙ୍କ ସାହିତ୍ୟ ଆଲୋଚନା ସହିତ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲ। ଆଲୋଚନାରେ ଯୁଗଯାତ୍ରୀର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମହାଖୁଡ଼, ଉପସଭାପତି ରାକେଶ କୁମାର ଶତପଥୀ, ସହସମ୍ପାଦକ ପରମାନନ୍ଦ ବିଶି, ସୁଶାନ୍ତ ମିଶ୍ର ସଦସ୍ୟ ମାନସ ରଞ୍ଜନ ପ୍ରହରାଜ, ରାମେଶ୍ୱର ପ୍ରସାଦ ସାହୁ, ଜଳେଶ୍ୱର ହେର୍ଣ୍ଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଯୌନ ଉତ୍ପୀଡନ ବିରୋଧୀ ଆଇନ ସଚେତନତା

**ଥୁଆମୂଳରାମପୁର, ୧୭ ।୪(ସମିସ):** ଯୌନ ଉତ୍ପୀଡନ ବିରୋଧୀ ଆଇନ (ପୋସ) ସମ୍ବନ୍ଧୀୟ ସଚେତନତା ସୃଷ୍ଟି ପାଇଁ ସଚେତନତା କାର୍ଯ୍ୟକ୍ରମ ଥୁଆମୂଳରାମପୁର ଜେଏମ୍ଏଫସି ପକ୍ଷରୁ ଥୁଆମୂଳରାମପୁର ତାଲୁକ ଆଇନସେବା କମିଟି ଦ୍ୱାରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ବ୍ଲକ ଅନ୍ତର୍ଗତ ଡାକକୋଟା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଜେଏମ୍ଏଫସି ମାଜିଷ୍ଟ୍ରେଟ ଡ଼ଃ ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବିଶ୍ୱାଳ, ଆଇନଜୀବୀ ମନୋରଞ୍ଜନ ନାଏକ ଓ ଆଇନଜୀବୀ ତୁଳସୀ ରାମ ମାଝୀ, ଅଧ୍ୟାପକ ରାଜକିଶୋର ଜେନା, ଅଧ୍ୟାପକ ଲିଙ୍ଗରାଜ ଖମାରୀ, ତପସ୍ୱିନୀ ସୁନାନୀ ଏବଂ ଭବାନୀ ଶଙ୍କର ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ଯୌନ ଉତ୍ପୀଡନ ବିରୋଧୀ ଆଇନର ମୂଳ ଉଦ୍ଦେଶ୍ୟ, ଏହାର ବିଭିନ୍ନ ପ୍ରାବଧାନ ଓ ଛାତ୍ରଛାତ୍ରୀ କିପରି ସଚେତନ ହେବେ ଆଲୋକପାତ କରିଥିଲେ ।ବିଦ୍ୟାଳୟର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଇନ ସମ୍ପର୍କିତ ନୂତନ ତଥ୍ୟ ଅବଗତ ହୋଇଥିଲେ।



# ତାତିଲେ ସୋନପୁର ସରକାରୀ ପଲିଟେକ୍‌ନିକ ଛାତ୍ରଛାତ୍ରୀ

**ଡୁଙ୍ଗୁରିପାଲି, ୧୭ ।୪(ସମିସ)**

ସୋନପୁରସ୍ଥିତ ସରକାରୀ ପଲିଟେକ୍‌ନିକର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ସେମାନେ ପ୍ରିନ୍ସିପାଲଙ୍କ ବିରୋଧରେ ନାରାବାଜି କରି ପ୍ରାୟ ୪ କିଲୋମିଟର ଦୂର ଚାଲି ଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଦାବି ଜଣାଇବା ସହ ଆଜି ହିଁ ଅଧ୍ୟକ୍ଷଙ୍କୁ ବଦଳି କରିବାକୁ ଜିଦ୍ ଧରି ବସିଥିଲେ। ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ସୋମ୍ୟାରୂପା ରଥ, ଏସପି ନାରାୟଣ ନାୟକ ଏବଂ ଏସଡିପିଓ କଲ୍ୟାଣୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେଇଥିଲେ।

ବୁଧବାର ପଲିଟେକନିକ୍ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଧ୍ୟକ୍ଷଙ୍କ ବିରୋଧରେ ହୋହାଲ୍ଲା କରିଥିଲେ। ହଷ୍ଟେଲରେ ଅବ୍ୟବସ୍ଥାକୁ ନେଇ ଛାତ୍ରୀ ଓ ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ଦାୟୀ କରିଛନ୍ତି। ଅଧ୍ୟକ୍ଷଙ୍କ ମାତ୍ରାଧିକ ମନମାନୀ ଯୋଗୁଁ ଏହି ଶିକ୍ଷାନୁଷ୍ଠାନ ଅଶାନ୍ତ ହୋଇ ପଡ଼ିଛି। ସେମାନଙ୍କ ଅଭିଯୋଗ ଅନୁସାରେ ହଷ୍ଟେଲରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟରେ ପୋକ ବାହାରୁଛି। ଏ ନେଇ ନେଇ ଅନେକ ଥର ଅଭିଯୋଗ ହୋଇଚି। ଏହାକୁ କେହି କର୍ଣ୍ଣପାତ କରୁ ନାହାନ୍ତି। ଓଲଟା ବାହାର ଜିଲ୍ଲାରୁ ଆସି ରହୁଥିବା କିଛି ଛାତ୍ର ଏହା ଉକୁଣୀ ହୋଇଥିବ କହୁଛନ୍ତି। ଆହୁରି ଅନେକ ଅଶ୍ଳୀଳ କଥା କହି କମେଣ୍ଟ କରି କହୁଛନ୍ତି। ଏଥିସହ ରାତି ଅଧରେ ଚେକିଂ ନାମରେ ଛାତ୍ରୀଙ୍କ ରୁମ୍ ଭିତରକୁ ଅଧ୍ୟକ୍ଷ ତଥା ପୁରୁଷ କର୍ମଚାରୀ ପ୍ରବେଶ କରୁଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଏହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖା ଦେଇଛି। ଏହି ଘଟଣାକୁ ନେଇ ଅଭିଭାବକମାନେ କଲେଜକୁ ଆସି ଛାତ୍ରଛାତ୍ରୀଙ୍କ ସହିତ ଦେଖା କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ କଲେଜ କର୍ତ୍ତୃପକ୍ଷ କଲେଜ ମୁଖ୍ୟଗେଟ୍‌କୁ ତାଲା ପକାଇ ଦେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷା ଓ ଖାଦ୍ୟ ବ୍ୟବସ୍ଥା ଠିକ୍ ଭାବେ ଦିଆଯାଉ ନ ଥିବା ଓ ଅଧ୍ୟକ୍ଷ ସେଠାରେ ମେସ୍ ଦାୟିତ୍ୱ ନେଇଥିବା ବ୍ୟକ୍ତିଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ସୋନପୁର ସଦର ଥାନା ଅଧିକାରୀ ଯାଦବ ବାଗ ପହଞ୍ଚି ଉତ୍ୟକ୍ତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ତେବେ ଏନେଇ ଅଧ୍ୟକ୍ଷଙ୍କୁ ପଚରାଯିବାରୁ ସବୁ ଅଭିଯୋଗ ଭିତ୍ତିହୀନ ତଥା ମିଛ ବୋଲି କହିଛନ୍ତି। ଅନ୍ୟପକ୍ଷେ ପୁରୁଣା ୱାର୍ଡେନଙ୍କୁ ବିଦା କରିଦିଆଯାଇଛି। ତାଙ୍କୁ ପୁନଃ ନିଯୁକ୍ତି ପାଇଁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ଅଧ୍ୟକ୍ଷଙ୍କ ବଦଳି ନ ହେବା ଯାଏ ଆନ୍ଦୋଳନ ତୀବ୍ର ହେବ ଅଭିଭାବକ କହିଛନ୍ତି।



ଅଧ୍ୟକ୍ଷଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ

ହଷ୍ଟେଲରେ ଅବ୍ୟବସ୍ଥାକୁ ନେଇ ଛାତ୍ରୀ, ଅଭିଭାବକ କ୍ଷୁବ୍ଧ

ହଷ୍ଟେଲରେ ଦିଆଯାଉଥିବା ଖାଦ୍ୟରେ ପୋକ ବାହାରୁଛି

ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନାହାନ୍ତି

ରାତିରେ ଚେକିଂ ନାଁରେ ଛାତ୍ରୀଙ୍କ ରୁମ୍ ଭିତରକୁ ଅଧ୍ୟକ୍ଷ ତଥା ପୁରୁଷ କର୍ମଚାରୀ ପ୍ରବେଶ କରୁଛନ୍ତି

